# ଅନୁଗୋଳରେ ପହଞ୍ଚିଲା ପ୍ରଥମ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ।

## ୨୭ଟି ଜିଲ୍ଲାର ୧୬୫୩ ଜଣ ପ୍ରବାସୀ ଅନୁଗୋଳ ଷ୍ଟେସନରେ ଓହ୍ଲାଇଲେ ।

ଅନୁଗୋଳ,୨୫.୫ :- କରୋନା ଭୁତାଣୁ ସାରା ବିଶ୍ୱରେ ବ୍ୟାପୁଥିବା ବେଳେ ସରକାର ଅନ୍ୟ ରାଜ୍ୟରେ ଥିବା ପ୍ରବାସୀ ଓଡିଆମାନଂକୁ ନିଜ ରାଜ୍ୟକୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଗୁଜରାଟରେ ରହିଥିବା ଓଡିଆମାନଂକ ପାଇଁ ଆଜି ପ୍ରଥମ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ଅନୁଗୋଳରେ ପହଂଚିଛି ।ଗୁଜରାଟର ଭଲସାଡ ଅନ୍ତର୍ଗତ ବାପି ରେଲୱେ ଷ୍ଟେସନରୁ ଚଳିତ ମାସ ୨୩ ତାରିଖରେ ୧୬୫୩ ଜଣ ପ୍ରବାସୀ ଓଡିଆମାନଂକୁ ନେଇ ଏହି ଟ୍ରେନ ଆଜି ସକାଳ ୮ ଘଟିକାରେ ଅନୁଗୋଳ ରେଲୱେ ଷ୍ଟେସନରେ ପହଂଚିଥିଲା ।ଏହି ଟ୍ରେନରେ ଅନୁଗୋଳର ସର୍ବାଧିକ ୩୪୯ଜଣ ପ୍ରବାସୀ ଓଡିଆ ଥିଲେ ।ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ଅନୁଗୋଳ ଷ୍ଟେସନ ମଧ୍ୟରେ ୧୨ଟି କାଉଣ୍ଟର ଖୋଲାଯାଇ ପ୍ରବାସୀମାନଂକର ପଞ୍ଜିକରଣ,ଥର୍ମାଲ ସ୍କାନିଂ ଓ ଷ୍ଟାମ୍ପିଂ ବ୍ୟବସ୍ଥା କରାଯାଇ ବସ୍ ଯୋଗେ ନିଜ ନିଜ ଅଂଚଳର ଅସ୍ଥାୟୀ ମେଡିକାଲ କ୍ୟାମ୍ପକୁ ପଠାଇ ଦିଆଯାଇଛି ।ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ପ୍ରଶାସନ ତରଫରୁ ଆବଶ୍ୟକ ପୋଲିସ କର୍ମଚାରୀ ନିୟୋଜିତ କରାଯାଇଥିଲା ।ଅନୁଗୋଳ ଜିଲ୍ଲାର ୮ଟି ବ୍ଲକ୍ ଓ ଅନ୍ୟ ୨୬ଟି ଜିଲ୍ଲା ପାଇଁ ଅନୁଗୋଳ ଓ ତାଳଚେର ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ୪୫ଟି ବସର ବ୍ୟବସ୍ଥା କରାଯାଇଥିଲା ।ଅନୁଗୋଳ ପୌରପରିଷଦ ତରଫରୁ ପ୍ରବାସୀମାନଂକ ପାଇଁ ସ୍ନାକ୍ସ ଓ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା ।ପ୍ରଥମ ସ୍ୱତନ୍ତ୍ର ଶ୍ରମିକ ଟ୍ରେନରେ ୨୨ଟି ବଗିରେ ଏହି ୧୬୫୩ ଜଣ ପ୍ରବାସୀ ଆସିଥିଲେ ।ପ୍ରବାସୀମାନେ କିପରି ସୁରୁଖୁରୁରେ ନିଜ ଅଂଚଳରେ ପହଂଚିପାରିବେ ସେଥିପାଇଁ ଗତକାଲି ଠାରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।ସମସ୍ତ ପ୍ରକାର ଆନୁସଂଗିକ ବ୍ୟବସ୍ଥାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି,ଉତ୍ତର କେନ୍ଦ୍ରାଂଚଳ ଆଇ.ଜି ଶ୍ରୀ ନରସିଂହ ଭୋଳ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଓ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରମୁଖ ପ୍ରତ୍ୟକ୍ଷ ଭାବରେ ତଦାରଖ କରିଥିଲେ ।ଏହି ପ୍ରବାସୀମାନେ

ନିଜ ଅଂଚଳର ଅସ୍ଥାୟୀ ମେଡିକାଲ ଶିବିରରେ ୧୪ଦିନ ସଙ୍ଗରୋଧରେ ରହିବେ । ଅନୁଗୋଳ ବ୍ୟତିତ ଏହି ଟ୍ରେନରେ ଗଂଜାମର ୧୦୧ଜଣ, ମୟୁରଭଂଜର ୧୩୫ ଜଣ,ବାଲେଶ୍ୱରର ୧୩୦ ଜଣ,ଭଦ୍ରକର ୪୮ ଜଣ, ପୁରୀ ଓ ସମ୍ବଲପୁରର ଯଥାକ୍ରମେ ୯୧ ଜଣ ଓ ୯୪ ଜଣ, ଖୋର୍ଦ୍ଧାର ୮୦ ଜଣ, ବରଗଡର ୪୭ ଜଣ, ବଲାଂଗୀରର ୪୭ ଜଣ, କଟକର ୨୮ ଜଣ, ଦେବଗଡର ୧୪ ଜଣ,ଢେଂକାନାଳର ୬୨ ଜଣ, ଯାଜପୁରର ୩୭ ଜଣ, ନୟାଗଡର ୨୫ ଜଣ ଓ କେନ୍ଦୁଝରର ୧୦ ଜଣ ପ୍ରବାସୀ ଓଡିଆ ଆସିଥିଲେ । ଏହାଛଡା ବୌଦ୍ଧର ୭ ଜଣ, ନବରଙ୍ଗପୁରର ୨ ଜଣ, ସୁନ୍ଦରଗଡର ୨୪ ଜଣ, କେନ୍ଦ୍ରାପଡାର ୭୩ଜଣ, କନ୍ଧମାଳର ୫ଜଣ, କଳାହାଣ୍ଡିର ୧୩୨ ଜଣ,ସୋନପୁରର ୨୯ ଜଣ,ଗଜପତିର ୪୫ ଜଣ,ରାୟଗଡାର ୨ ଜଣ,ଜଗତସିଂହପୁର ୩୩ ଜଣ ଓ ପଶ୍ଚିମବଙ୍ଗର ୩ ଜଣ ପ୍ରବାସୀ ଆସିଥିଲେ । ୧୬୩୭ ଜଣଂକୁ ସେମାନଂକର ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଛି । ପଛରେ ରହିଯାଇଥିବା ରାୟଗଡାର ୨ ଜଣ ଓ ସୁନ୍ଦରଗଡର ୧୪ ଜଣଂକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ରଖାଯାଇଛି । ଆଜି ରାତିରେ ସେମାନଂକୁ ତାଂକର ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯିବ । ପ୍ରବାସୀମାନଂକର ସମସ୍ତ ପ୍ରକାର ଆନୁସଂଗୀକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ଅନୁଗୋଳ ଏସ୍ .ଡି. ପି. ଓ ଶ୍ରୀ ଅଶ୍ୱିନି କୁମାର ସାହୁ, ଅନୁଗୋଳ ଆଇ. ଆଇ. ସି ଶ୍ରୀ ରମେଶ ଚନ୍ଦ୍ର ବିଶୋଇ,ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍,ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ପଣ୍ଡା, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ଭୋଇ, ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅଂଶୁମାନ ଶତପଥି, ଏମ୍ ସି ଏଲ୍ର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶ୍ରୀ ରତନ କୁମାର ଆଚାର୍ଯ୍ୟ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁବ୍ରତ କୁମାର ବେହେରାଂକ ସମେତ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ସହଯୋଗ କରିଥିଲେ ।


PF 1.
शयनयान


अनुगुल
ANGUL


ANGUL
NARASINGHA BHOL


ANGL 1022
112554
WR
EMERGENCY WINDOW


RESTRICTED


the God